# Outcome of the Eighth Biennial Meeting on the UN Programme of Action to prevent, combat and eradicate illicit trade & International Tracing Instrument for illicit small arms and light weapons

July 04, 2022

## କ୍ଷୁଦ୍ର ହତିଆର ଓ ହାଲୁକା ଅସ୍ତ୍ରଶସ୍ତ୍ରର ଅବୈଧ ବ୍ୟବସାୟକୁ ରୋକିବା, ମୁକାବିଲା କରିବା ଏବଂ ବିଲୋପ କରିବା ପାଇଁ ମିଳିତ ଜାତିସଂଘର କାର୍ଯ୍ୟକ୍ରମ ଏବଂ ଅବୈଧ କ୍ଷୁଦ୍ର ହତିଆର ଓ ହାଲୁକା ଅସ୍ତ୍ରଶସ୍ତ୍ର ପାଇଁ ଆନ୍ତର୍ଜାତିକ ଟ୍ରେସିଙ୍ଗ୍ ଇନଷ୍ଟ୍ରୁମେଣ୍ଟର କାର୍ଯ୍ୟାନ୍ୱୟନ ଉପରେ ଅଷ୍ଟମ ଦ୍ୱିବର୍ଷୀୟ ବୈଠକର ଫଳାଫଳ

ଜୁଲାଇ 04, 2022

କ୍ଷୁଦ୍ର ହତିଆର ଓ ହାଲୁକା ଅସ୍ତ୍ରଶସ୍ତ୍ର (ଏସଏଏଲଡବ୍ଲୁ) ର ବେଆଇନ ବ୍ୟବସାୟକୁ ରୋକିବା, ମୁକାବିଲା କରିବା ଏବଂ ବିଲୋପ କରିବା ପାଇଁ ମିଳିତ ଜାତିସଂଘର କାର୍ଯ୍ୟକ୍ରମ ଏବଂ ଅବୈଧ କ୍ଷୁଦ୍ର ହତିଆର ଓ ହାଲୁକା ଅସ୍ତ୍ରଶସ୍ତ୍ର ପାଇଁ ଆନ୍ତର୍ଜାତିକ ଟ୍ରେସିଙ୍ଗ୍ ଇନଷ୍ଟ୍ରୁମେଣ୍ଟର କାର୍ଯ୍ୟକାରିତା ଉପରେ ରାଷ୍ଟ୍ରମାନଙ୍କ ଅଷ୍ଟମ ଦ୍ୱିବର୍ଷୀୟ ବୈଠକ 27 ଜୁନରୁ 1 ଜୁଲାଇ 2022 ପର୍ଯ୍ୟନ୍ତ ନ୍ୟୁୟର୍କରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ମିଳିତ ଜାତିସଂଘ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ତଥା ଏସଏଏଲଡବ୍ଲୁର ବେଆଇନ କାରବାର ବିରୋଧରେ ଆନ୍ତର୍ଜାତିକ ଟ୍ରେସିଙ୍ଗ୍ ଇନଷ୍ଟ୍ରୁମେଣ୍ଟକୁ ସୁଦୃଢ କରିବା ଉଦ୍ଦେଶ୍ୟରେ ଏକ ଫଳାଫଳ ଡକ୍ୟୁମେଣ୍ଟ ଗୃହୀତ ହୋଇଥିଲା।

ଏହି ବୈଠକରେ ଭାରତ ମିଳିତ ଜାତିସଂଘର କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ତଥା ଆନ୍ତର୍ଜାତିକ ଟ୍ରେସିଙ୍ଗ୍ ଇନଷ୍ଟ୍ରୁମେଣ୍ଟର ସମ୍ପୂର୍ଣ୍ଣ ତଥା ପ୍ରଭାବୀ କାର୍ଯ୍ୟକାରିତା ଉପରେ ଗୁରୁତ୍ୱାରୋପ କରିଥିଲା, ବିଶେଷ କରି ଆତଙ୍କବାଦ ଭଳି ବୈଶ୍ୱିକ ଆହ୍ୱାନର ମୁକାବିଲା କରିବାରେ ଏଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏସଏଏଲଡବ୍ଲୁର ଅବୈଧ କାରବାରକୁ ନିୟନ୍ତ୍ରଣ କରିବାରେ ଉନ୍ନତ ଜାତୀୟ ପ୍ରୟାସ କରିବା ଏବଂ ଏହାକୁ ଅଧିକ ପ୍ରଭାବୀ କରିବା ପାଇଁ ବେଆଇନ ଏସଏଏଲଡବ୍ଲୁର ଅନୁସନ୍ଧାନ ନିମନ୍ତେ ଏକ ମେକାନିଜିମ ବିକାଶ କରିବା ସମେତ ଭାରତ ଏହି ଇନଷ୍ଟ୍ରୁମେଣ୍ଟର କାର୍ଯ୍ୟକାରିତାକୁ ସୁଦୃଢ କରିବାକୁ ଆହ୍ୱାନ ଜଣାଇଥିଲା। ବିଶେଷ କରି ଏହି ଇନଷ୍ଟ୍ରୁମେଣ୍ଟର କାର୍ଯ୍ୟାନ୍ୱୟନରେ ବିକାଶଶୀଳ ଦେଶମାନଙ୍କୁ ସହାୟତା ଏବଂ ସେମାନଙ୍କ ପାଇଁ ଏକ ଫେଲୋସିପ କାର୍ଯ୍ୟକ୍ରମ ନିମନ୍ତେ ଆନ୍ତର୍ଜାତିକ ସହଯୋଗ ଓ ସହାୟତା ଉପରେ ଭାରତ ମଧ୍ୟ ଗୁରୁତ୍ୱାରୋପ କରିଥିଲା।

ଅଷ୍ଟମ ଦ୍ୱିବର୍ଷୀୟ ବୈଠକର ଫଳାଫଳ ଡକ୍ୟୁମେଣ୍ଟ ସ୍ୱୀକାର କରିଛି ଯେ ଆତଙ୍କବାଦକୁ ବଢାଇବାରେ ବେଆଇନ ଅସ୍ତ୍ରଶସ୍ତ୍ର କାରବାରର ପ୍ରତିକୂଳ ପ୍ରଭାବ ପଡୁଛି ଏବଂ ଆତଙ୍କବାଦ ଦ୍ୱାରା ସୃଷ୍ଟି ହୋଇଥିବା ବିପଦକୁ ଦୂର କରିବାରେ ଜାତିସଂଘର ଏହି ଇନଷ୍ଟ୍ରୁମେଣ୍ଟଗୁଡ଼ିକର ଭୂମିକା ଉପରେ ଗୁରୁତ୍ୱାରୋପ କରିଛି। ଏହା ମଧ୍ୟ ଏସଏଏଲଡବ୍ଲୁର କାରବାର ଉପରେ ପର୍ଯ୍ୟାପ୍ତ ଜାତୀୟ ନିୟନ୍ତ୍ରଣକୁ ଲାଗୁ କରିବା ଏବଂ ପ୍ରୟୋଗ

କରିବା ପାଇଁ ରାଷ୍ଟ୍ରଗୁଡ଼ିକର ସଂକଳ୍ପକୁ ସମର୍ଥନ କରିଛି। ଅବୈଧ କ୍ଷୁଦ୍ର ହତିଆର ଅନୁସନ୍ଧାନ ପାଇଁ ପଦକ୍ଷେପକୁ ମଜବୁତ କରିବାକୁ ଏବଂ ଜାତିସଂଘର ଭାଗିଦାରୀରେ ସେଗୁଡ଼ିକୁ ଅନୁସନ୍ଧାନ କରିବାରେ ଆନ୍ତର୍ଜାତିକ ସହଯୋଗ ବୃଦ୍ଧି ପାଇଁ ଉପାୟ ଖୋଜିବାକୁ ମଧ୍ୟ ରାଷ୍ଟ୍ରମାନେ ସହମତ ହୋଇଥିଲେ। ଏହି ବୈଠକରେ ଏସଏଏଲଡବ୍ଲ୍ୟୁ କ୍ଷେତ୍ରରେ ସାମ୍ପ୍ରତିକ ବୈଷୟିକ ବିକାଶର ପ୍ରଭାବ, ଅବୈଧ କାରବାରକୁ ନେଇ ଚିନ୍ତା ଏବଂ ଇନଷ୍ଟ୍ରୁମେଣ୍ଟଗୁଡ଼ିକ ଉପରେ ଏହାର ଗୁରୁତର ପ୍ରଭାବକୁ ସମାଧାନ କରିବାର ଉପାୟ ବିବେଚନା କରାଯାଇଥିଲା। 2024 ରେ ଚତୁର୍ଥ ସମୀକ୍ଷା ସମ୍ମିଳନୀ ଆଡକୁ, ଏହି ଫଳାଫଳ ଡକ୍ୟୁମେଣ୍ଟ ଜାତିସଂଘର ଏହି ଦୁଇଟି ଇନଷ୍ଟ୍ରୁମେଣ୍ଟର କାର୍ଯ୍ୟାନ୍ୱୟନରେ ପ୍ରଚଳିତ ଧାରା, ଆହ୍ୱାନ ଏବଂ ସୁଯୋଗର ବିସ୍ତୃତ ବିଶ୍ଳେଷଣ ପାଇଁ ଏବଂ ଏଗୁଡ଼ିକର ପ୍ରଭାବୀ କାର୍ଯ୍ୟକାରିତା ଉପରେ ସୁପାରିଶକୁ ବିଚାର କରିବା ପାଇଁ ସହମତ ହୋଇଥିଲା।

**ନୂଆଦିଲ୍ଲୀ**

**ଜୁଲାଇ 04, 2022**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.